# NATIONAL NEWS BULLETIN (ODIA)

## 21 September - 2024

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଚତୁର୍ଥ ବାର୍ଷିକ କ୍ୱାଡ ଶିଖର ସମ୍ମିଳନୀରେ ଯୋଗଦେବା ଲାଗି ଆମେରିକା ଗସ୍ତ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

- ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥ ଗ୍ରହଣ କରିବେ ଆମ୍ ଆଦମୀ ପାର୍ଟିର ବରିଷ୍ଠ ନେତ୍ରୀ ଆତିଶୀ

- ୨୦୨୩-୨୪ ଆର୍ଥିକ ବର୍ଷର ଡିଜିଟାଲ ଦେୟ ପରିମାଣ ୧୯ ହଜାର କୋଟି ଟଙ୍କା ଅତିକ୍ରମ  କରିଥିବା ସୂଚନା

- ଶ୍ରୀଲଙ୍କାରେ ନୂଆ ରାଷ୍ଟ୍ରପତି ନିମନ୍ତେ ମତଦାନ ଆରମ୍ଭ

ଏବଂ

- ଚେନ୍ନାଇରେ ଚାଲିଥିବା ପ୍ରଥମ କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ର ଆଜି ତୃତୀୟ ଦିନରେ ବାଂଲାଦେଶ ବିପକ୍ଷରେ ୮୧ ରନରୁ ବ୍ୟାଟିଂ କରିବ ଭାରତ ।

# ପ୍ରଧାନମନ୍ତ୍ରୀ ଆମେରିକା ଯାତ୍ରା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୩ ଦିନିଆ ଆମେରିକା ଗସ୍ତରେ ଆଜି ସକାଳେ ଯାତ୍ରା ଆରମ୍ଭ କରିଛନ୍ତି । ଏହି ଗସ୍ତ କାଳରେ ଶ୍ରୀ ମୋଦୀ ଅନେକ ଗୁଡ଼ିଏ ଉଚ୍ଚସ୍ତରୀୟ ବୈଠକରେ ଭାଗ ନେବେ । ପ୍ରଧାନମନ୍ତ୍ରୀ ଚତୁର୍ଥ ବାର୍ଷିକ କ୍ୱାଡ ଶିଖର ସମ୍ମିଳନୀରେ ଯୋଗଦେବେ । ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏହି ଶିଖର ସମ୍ମିଳନୀର ଆୟୋଜନ କରିଛନ୍ତି । ଚତୁର୍ଥ ବାର୍ଷିକ କ୍ୱାଡ ଶିଖର ସମ୍ମିଳନୀରେ ଜଳବାୟୁ ପରିବର୍ତ୍ତନ ସମସ୍ୟା ନେଇ ଦେଖାଦେଉଥିବା ସମସ୍ୟାଗୁଡ଼ିକ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି । ପ୍ରଧାନମନ୍ତ୍ରୀ କ୍ୱାଡ ସମୂହର ନେତା ଓ ସଦସ୍ୟ ଦେଶଗୁଡ଼ିକର ନେତାମାନଙ୍କ ସମେତ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ୨୦୨୫ରେ ଭାରତ କ୍ୱାଡ ଶିଖର ସମ୍ମିଳନୀ ଆୟୋଜନ କରିବ ।

ଆମେରିକା ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲ୍‌ବାନିଜ୍ ଏବଂ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦାଙ୍କ ସହ ଆଲୋଚନା ପାଇଁ ସେ ଆଗ୍ରହୀ ଅଟନ୍ତି । ଶ୍ରୀ ମୋଦୀ କହିଛନ୍ତି ଭାରତ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି, ପ୍ରଗତି ଏବଂ ସମୃଦ୍ଧି ନିମନ୍ତେ କ୍ୱାଡ ଶିଖର ସମ୍ମିଳନୀର ସଦସ୍ୟ ଦେଶମାନଙ୍କର ସମାନ ଚିନ୍ତାଧାରା ରହିଛି । ଆମେରିକା ରାଷ୍ଟ୍ରପତିଙ୍କ ସହ ଦ୍ୱିପକ୍ଷୀୟ ବୈଠକ ସଂପର୍କରେ ଶ୍ରୀ

ମୋଦୀ କହିଛନ୍ତି ଉଭୟ ଦେଶ ମଧ୍ୟରେ ବିଶ୍ୱସ୍ତରୀୟ ରଣନୈତିକ ସହଯୋଗ ଆହୁରି ଦୃଢ଼ ହେବ । ଏହି ଶିଖର ସମ୍ମିଳନୀରେ ଭାଗନେବା ପରେ ପ୍ରଧାନମନ୍ତ୍ରୀ ନିଉୟର୍କରେ ଭାରତୀୟ ବଂଶୋଦ୍ଭବମାନଙ୍କୁ ସମ୍ବୋଧନ କରିବେ । ଉଭୟ ଦେଶ ମଧ୍ୟରେ କୃତ୍ରିମ ବୁଦ୍ଧିମତ୍ତା, କ୍ୱାଣ୍ଟମ କମ୍ପ୍ୟୁଟିଙ୍ଗ୍ ଏବଂ ସେମିକଣ୍ଡକ୍ଟର ସମେତ ଅନ୍ୟ କେତେକ ପ୍ରସଙ୍ଗ ଉପରେ ସହଯୋଗ ବୃଦ୍ଧି ନେଇ ଆମେରିକାର ପ୍ରମୁଖ କମ୍ପାନୀଗୁଡ଼ିକର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀମାନଙ୍କ ସହ ଆଲୋଚନା କରିବେ । ପ୍ରଧାନମନ୍ତ୍ରୀ କହିଛନ୍ତି ସେ ଆମେରିକାର ଉଦ୍ୟୋଗପତି ଏବଂ ବଂଶୋଦ୍ଭବ ଭାରତୀୟମାନଙ୍କ ସହ ଆଲୋଚନା ନିମନ୍ତେ ଆଗ୍ରହୀ ଅଛନ୍ତି ।

ଗସ୍ତର ଶେଷଦିନରେ ସେପ୍ଟେମ୍ବର ୨୩ରେ ପ୍ରଧାନମନ୍ତ୍ରୀ ମୋଦୀ ନିଉୟର୍କରେ ଜାତିସଂଘ ମହାସଭାର ସମ୍ମିଳନୀକୁ ସମ୍ବୋଧନ କରିବେ । ଏହି ସମ୍ମିଳନୀର ବିଷୟ ହେଉଛି **ଉନ୍ନତ ଭବିଷ୍ୟତ ପାଇଁ ବହୁପକ୍ଷୀୟ ସମାଧାନ** । ଏହି ଶିଖର ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି ବିଶ୍ୱସ୍ତରରେ ବିଭିନ୍ନ ଦେଶର ସହଯୋଗରେ ସମସ୍ୟାଗୁଡ଼ିକର ସମାଧାନ କରିବା । ସମ୍ମିଳନୀରେ ଯୋଗଦେବା ସହ ପ୍ରଧାନମନ୍ତ୍ରୀ ବିଶ୍ୱସ୍ତରୀୟ ନେତାମାନଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି ।

# ଦିଲ୍ଲୀ ମୁଖ୍ୟମନ୍ତ୍ରୀ-ଆତିଶୀ

ଆମ୍ ଆଦମୀ ପାର୍ଟିର ବରିଷ୍ଠ ନେତ୍ରୀ ଆତିଶୀ ଆଜି ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ଦିଲ୍ଲୀ ରାଜଭବନରେ ଉପରାଜ୍ୟପାଳ ବିନୟ କୁମାର ସକ୍ସେନା ଆତିଶୀ ଏବଂ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କୁ ଶପଥପାଠ କରାଇବେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶପଥଗ୍ରହଣ ଦିନଠାରୁ ଆମଆଦମୀ ପାର୍ଟିର ବରିଷ୍ଠ ନେତ୍ରୀ ଆତିଶୀଙ୍କୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତ କରିଛନ୍ତି । ଏଥିସହିତ ୫ଜଣ ମନ୍ତ୍ରୀଙ୍କ ନିଯୁକ୍ତିକୁ ମଧ୍ୟ ରାଷ୍ଟ୍ରପତି ମଂଜୁରୀ ପ୍ରଦାନ କରିଛନ୍ତି । ସେହି ୫ଜଣ ମନ୍ତ୍ରୀ ହେଉଛନ୍ତି ଗୋପାଳ ରାୟ, କୈଳାସ ଗେହଲଟ, ସୌରଭ ଭରଦ୍ୱାଜ, ଇମ୍ରାନ ହୁସେନ ଏବଂ ମୁକେଶ ଅହଲାବତ । କଂଗ୍ରେସର ଶୀଲା ଦୀକ୍ଷିତ ଏବଂ ବିଜେପିର ସୁଷମା ସ୍ୱରାଜଙ୍କ ପରେ ସୁଶ୍ରୀ ଆତିଶୀ ଦିଲ୍ଲୀର ତୃତୀୟ ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥ ଗ୍ରହଣ କରିବେ ।

## ଇଣ୍ଡିଆ-ଏଆଇ

କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରାଦ୍ୟୌଗିକୀ ମନ୍ତ୍ରଣାଳୟ ଅନ୍ତର୍ଗତ ଇଣ୍ଡିଆ-ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ସ୍ୱତନ୍ତ୍ର ବିଭାଗ ପକ୍ଷରୁ ଇଣ୍ଡିଆ ଏ.ଆଇ. ଇନୋଭେସନ ପ୍ରତିଯୋଗିତାର ଘୋଷଣା କରିଛନ୍ତି । ମନ୍ତ୍ରଣାଳୟ କହିଛି ଏହି ଇନୋଭେସନ ଚ୍ୟାଲେଞ୍ଜରେ ଭାରତୀୟ ଷ୍ଟାର୍ଟଅପ୍, ବିଦ୍ୟାର୍ଥୀ ଏବଂ ଶିକ୍ଷା ତଥା ଅନୁସନ୍ଧାନ ଓ ବିକାଶ ସଂଗଠନ ଗୁଡ଼ିକ  ଭାଗନେଇ ପାରିବେ । ଚଳିତ ମାସ ୩୦ ତାରିଖ ସୁଦ୍ଧା ଏହି ପ୍ରତିଯୋଗିତା ପାଇଁ ଆବେଦନ କରିବାକୁ ପଡ଼ିବ । ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବିଜେତାମାନଙ୍କୁ ୧ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରାଯିବ । ଏହାଛଡ଼ା ବିଜେତାମାନଙ୍କୁ ଜାତୀୟ ସ୍ତରରେ ପ୍ରଦର୍ଶନ କରିବା ପାଇଁ ମଧ୍ୟ ଅବସର ପ୍ରଦାନ କରାଯିବ । ଅନ୍‌ଲାଇନ୍ ଜରିଆରେ ମନ୍ତ୍ରଣାଳୟର ଅଫିସିଆଲ୍ ୱେବ୍‌ସାଇଟ୍ **indiaai.gov.in** ରେ ଆବେଦନ କରାଯାଇ ପାରିବ ।

## ୟୁପିଆଇ ଡିଜିଟାଲ ଦେୟ

ଅର୍ଥ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ୨୦୨୩-୨୪ ଆର୍ଥିକ ବର୍ଷରେ ଡିଜିଟାଲ ଦେୟ ୧୯ ହଜାର କୋଟିରୁ ଅଧିକ ଟଙ୍କାକୁ ବୃଦ୍ଧି ପାଇଛି । ୨୦୧୭-୧୮ ଆର୍ଥିକ ବର୍ଷରେ ଏହି ପରିମାଣ ୨ ହଜାର କୋଟିରୁ ଅଧିକ ଟଙ୍କାର ରହିଥିଲା । ଏହି ସମୟ ମଧ୍ୟରେ ୟୁପିଆଇ ନେଣଦେଣ ୯୦ କୋଟିରୁ ବୃଦ୍ଧି ପାଇ ୧୩ ହଜାର କୋଟିରେ ପହଞ୍ଚିଛି । ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ୨୦୨୩-୨୪ ଆର୍ଥିକ ବର୍ଷରେ ୟୁପିଆଇ ମାଧ୍ୟମରେ ନେଣଦେଣ ୨୦୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ୟୁପିଆଇ ଜରିଆରେ ଏବେ ୭ଟି ଦେଶରେ ପ୍ରତ୍ୟକ୍ଷ ନେଣଦେଣ ସୁବିଧା ପ୍ରଦାନ କରାଯାଉଛି । ୟୁପିଆଇ ମାଧ୍ୟମରେ ନେଣଦେଣ କରୁଥିବା ଦେଶଗୁଡ଼ିକ ହେଉଛନ୍ତି ୟୁଏଇ, ସିଙ୍ଗାପୁର, ଭୂଟାନ, ନେପାଳ, ଶ୍ରୀଲଙ୍କା, ଫ୍ରାନ୍ସ ଏବଂ ମରିସସ୍ ।

## ଶ୍ରୀଲଙ୍କା-ରାଷ୍ଟ୍ରପତି ନିର୍ବାଚନ

ଶ୍ରୀଲଙ୍କାରେ ନୂଆ ରାଷ୍ଟ୍ରପତି ନିମନ୍ତେ ଆଜି ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇଛି । ଦେଶର ୧ କୋଟି ୭୦ ଲକ୍ଷ ମତଦାତା ୩୮ ଜଣ

ରାଷ୍ଟ୍ରପତି ପ୍ରାର୍ଥୀଙ୍କ ରାଜନୈତିକ ଭାଗ୍ୟ ନିର୍ଣ୍ଣୟ କରିବେ । ଏହି ରାଷ୍ଟ୍ରପତି ନିର୍ବାଚନରେ ମୁଖ୍ୟ ପ୍ରତିଦ୍ୱନ୍ଦିତା ବର୍ତ୍ତମାନର ରାଷ୍ଟ୍ରପତି ରାନିଲ ବିକ୍ରମା ସିଂଘେ ଏବଂ ବିରୋଧୀଦଳ ନେତା ତଥା ଏସ୍.ଜେ.ବି.ର ପ୍ରାର୍ଥୀ ସାଜିଥ୍ ପ୍ରେମଦାସା ଏବଂ ଏନ୍.ପି.ପି.ର ନେତା ଅନୁରା କୁମାର ଦିଶାନାୟକଙ୍କ ମଧ୍ୟରେ ହେଉଛି । ସାରା ଦେଶରେ ୧୩ ହଜାର ୪ଶହଟି ମତଦାନ କେନ୍ଦ୍ରରେ ଭୋଟରମାନେ ଅପରାହ୍ଣ ୪ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମତ ସାବ୍ୟସ୍ତ କରିପାରିବେ । ଶ୍ରୀଲଙ୍କାର ଜାତୀୟ ନିର୍ବାଚନ ଆୟୋଗଙ୍କ ସୂଚନା ଅନୁଯାୟୀ ଆଜି ସନ୍ଧ୍ୟାରୁ ମତ ଗଣନା ଆରମ୍ଭ ହେବ ।

## ମୋଦୀ ୩.୦-୧୦୦ ଦିନ

ତୃତୀୟ ପାଳି ପାଇଁ କ୍ଷମତାକୁ ଆସିବା ପରେ ମୋଦି ସରକାର ପ୍ରଥମ ୧୦୦ ଦିନ ପୂରଣ କରିଛନ୍ତି । ଏହି ସମୟ ମଧ୍ୟରେ ସରକାର ଭିତ୍ତିଭୂମି, କୃଷକ, ମଧ୍ୟବିତ୍ତ, ମହିଳା ଓ ଯୁବବର୍ଗଙ୍କୁ ଗୁରୁତ୍ୱ ଦେଇ ୧୫ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ କରିଛନ୍ତି। ଆମ ସମ୍ବାଦଦାତା ଜଣାଇଛନ୍ତି ନରେନ୍ଦ୍ର ମୋଦୀଙ୍କ ସରକାର ଦେଶର ମଧ୍ୟମବର୍ଗଙ୍କ ସଶକ୍ତିକରଣ ଏବଂ ସେମାନଙ୍କ ଜୀବନଶୈଳୀକୁ ସହଜ କରିବା ଲାଗି ଅନେକ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି ।

ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ଏବଂ ଦେଶର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ମୋଦି ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଇଛନ୍ତି । ତୃତୀୟ ପାଳିରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ଆୟ ନିର୍ବିଶେଷରେ ୭୦ ବର୍ଷରୁ ଅଧିକ ବୟସର ସମସ୍ତ ବରିଷ୍ଠ ନାଗରିକଙ୍କୁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ପ୍ରଦାନ କରିବାକୁ ସରକାର ଅନୁମୋଦନ କରିଛନ୍ତି। ଏହି ଯୋଜନାର ସମୁଦାୟ ବ୍ୟୟ ଅଟକଳ ୩ ହଜାର ୪୩୭ କୋଟି ଟଙ୍କା ଏବଂ ଏଥିରେ ୬ କୋଟି ବରିଷ୍ଠ ନାଗରିକ ସାମିଲ ହେବେ । ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ପାଇଁ ୭୫ ହଜାର ନୂଆ ମେଡିକାଲ ଆସନ ମଧ୍ୟ ଏହି ସମୟ ମଧ୍ୟରେ ସୃଷ୍ଟି କରାଯାଇଛି। ଦେଶରେ ୨୭ ଲକ୍ଷ କର୍କଟ ରୋଗୀଙ୍କୁ ସୁଲଭ ମୂଲ୍ୟରେ ଔଷଧ ଯୋଗାଇବା ଲକ୍ଷ୍ୟରେ ସରକାର ୩ଟି କ୍ୟାନସର ଔଷଧ ଉପରେ ସୀମା ଶୁଳ୍କ ଛାଡ଼ କରିଛନ୍ତି। ଦେଶର ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଓ ଉଦ୍ଭାବନ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଶିକ୍ଷା କ୍ଷେତ୍ରରେ ୧୦ ହଜାର ୬୦୦ କୋଟି ଟଙ୍କା ବ୍ୟୟରେ ବିଜ୍ଞାନଧାରା ଯୋଜନା ଆରମ୍ଭ

କରିଛନ୍ତି। ଗବେଷଣା ପାଇଁ କେନ୍ଦ୍ର ସରକାର ୫୦ ହଜାର କୋଟି ଟଙ୍କାର ଜାତୀୟ ଗବେଷଣା ପାଣ୍ଠି ମଧ୍ୟ କାର୍ଯ୍ୟକାରୀ କରିଛନ୍ତି।

## ପଶ୍ଚିମବଙ୍ଗ-ଜୁନିୟର ଡାକ୍ତର

ପଶ୍ଚିମବଙ୍ଗ ଆର୍.ଜି.କର ମେଡ଼ିକାଲ କଲେଜରେ ଜଣେ ପ୍ରଶିକ୍ଷାର୍ଥୀ ଡାକ୍ତରୀ ଛାତ୍ରୀଙ୍କ ସହ ଦୁଷ୍କର୍ମ ଓ ହତ୍ୟା ପରେ କନିଷ୍ଠ ଡାକ୍ତରମାନେ ନ୍ୟାୟ ଦାବିରେ କରିଥିବା ୪୨ ଦିନର ଧର୍ମଘଟ ଶେଷ କରିଛନ୍ତି । ଗତକାଲି ସଂପୃକ୍ତ ଡାକ୍ତରମାନେ ଏକ ର୍ୟାଲି ଆୟୋଜନ କରିଥିଲେ । ରାଜ୍ୟର ମେଡ଼ିକାଲ କଲେଜରେ କନିଷ୍ଠ ଡାକ୍ତରମାନେ ଆଜିଠାରୁ କେବଳ ଜରୁରୀକାଳୀନ ସେବାରେ ଯୋଗଦେବେ ବୋଲି ଜଣାପଡ଼ିଛି ।

## ଇସ୍ରାଏଲ୍-ଡେଥ୍

ଇସ୍ରାଏଲ ସୁରକ୍ଷା ବଳ -ଆଇ.ଡି.ଏଫ୍.ର ଆକ୍ରମଣରେ ୭ଜଣ ପାଲେଷ୍ଟାଇନ୍ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି । ଉତ୍ତର ପଶ୍ଚିମ ସହର ଜେନିନ୍ ନିକଟରେ କବାତିଆ ସହରରେ ଗୁଳି ବିନିମୟ ସମୟରେ ୪ଜଣ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିବା ଆଇଡିଏଫ୍ କହିଛି । ଗତ ଗୁରୁବାର

ରାତିରେ ଅନ୍ୟ ଏକ ଘଟଣାରେ ଇସ୍ରାଏଲ୍ ସୁରକ୍ଷା ବଳ ଅନେକ ସଶସ୍ତ୍ର ଆତଙ୍କବାଦୀଙ୍କୁ ଚିହ୍ନଟ କରିଥିଲା । ସଂପୃକ୍ତ ଆତଙ୍କବାଦୀମାନେ ଆଇଡିଏଫ୍ ଉପରେ ପ୍ରଥମେ ଆକ୍ରମଣ କରିଥିଲେ । ପରେ ଇସ୍ରାଏଲ୍ ବାୟୁସେନାର ଏକ ଜେଟ୍ ବିମାନ ଆତଙ୍କବାଦୀମାନଙ୍କୁ ନେଇ ଯାଉଥିବା ଏକ ବାହାନ ଉପରେ ଆକ୍ରମଣ କରିବା ଫଳରେ ୩ ଜଣ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିଲା ।

## ରୁଷ-ମହାକାଶ ମିଶନ

ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ସବୁଠାରୁ ଅଧିକ ସମୟ ରହିବା କ୍ଷେତ୍ରରେ ରୁଷ ମହାକାଶଯାତ୍ରୀ ଓଲେଗ କୋନେନେଙ୍କୋ ଏବଂ ନିକୋଲାଇ ଚୁବ୍ ରେକର୍ଡ କରିଛନ୍ତି । ରୁଷ ମହାକାଶ ସଂସ୍ଥା ରସ୍କୋସ୍ମୋସ୍ ଅନୁଯାୟ ଉଭୟ ମହାକାଶଯାତ୍ରୀ, ମହାକାଶରେ ଦୀର୍ଘସମୟ ରହିବାର ପୂର୍ବ ରେକର୍ଡକୁ ଅତିକ୍ରମ କରିଛନ୍ତି । ପୂର୍ବରୁ ମହାକାଶଯାତ୍ରୀ ସର୍ଗେଇ ପ୍ରୋକୋୟେବ୍, ଦିମିତ୍ରୀ ପେଟେଲିନ୍ ଏବଂ ନାସାର ମହାକାଶଯାତ୍ରୀ ଫ୍ରାନ୍ସିସ୍କୋ ରୁବିଓ ଅଧିକ ସମୟ ରହିଥିଲେ ।

ଏହି ୩ଜଣ ମହାକାଶଯାତ୍ରୀ ଗତବର୍ଷ ମହାକାଶ କେନ୍ଦ୍ରରେ ୩୭୦ ଦିନ ରହିଥିବା ବେଳେ ଏବେ ରୁଷ୍ ମହାକାଶଯାତ୍ରୀ ୩୭୪ ଦିନ ରହିସାରିଛନ୍ତି । ରୁଷର ଉଭୟ ମହାକାଶଯାତ୍ରୀ ଆସନ୍ତା ୨୩ ତାରିଖରେ ପୃଥିବୀପୃଷ୍ଠକୁ ଫେରିବାର ଯୋଜନା ରହିଛି ।

## କ୍ରିକେଟ୍-ଭାରତ ବାଂଲାଦେଶ

ଚେନ୍ନାଇରେ ଚାଲିଥିବା ପ୍ରଥମ କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ର ଆଜି ତୃତୀୟ ଦିନରେ ଭାରତ ବାଂଲାଦେଶ ବିପକ୍ଷରେ ୮୧ ରନରୁ ଖେଳିବା ଆରମ୍ଭ କରିବ । ଏପର୍ଯ୍ୟନ୍ତ ଭାରତ ୩୦୮ ରନରେ ଆଗରେ ଅଛି । ଶୁଭମନ ଗିଲ୍ ୩୩ ଏବଂ ରିଷଭ ପନ୍ଥ ୧୨ ରନ୍ କରି ଅପରାଜିତ ଅଛନ୍ତି ।

ପୂର୍ବରୁ ଭାରତ ପ୍ରଥମ ଇନିଂସରେ ୩୭୬ ସ୍କୋର କରିଥିବା ବେଳେ ଗତକାଲି ବାଂଲାଦେଶ ୧୪୯ ରନ୍‌ରେ ସମସ୍ତ ୱିକେଟ୍ ହରାଇଥିଲା । ପ୍ରଥମ ଇନିଂସ ଆଧାରରେ ଭାରତ ୨୨୭ ରନ୍ ଆଗରେ ରହିଛି । ଭାରତର ଜସ୍‌ପ୍ରିତ୍ ବୁମ୍‌ରା ୪ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ

ମହମ୍ମଦ ଶିରାଜ, ଆକାଶଦୀପ ଏବଂ ରବିନ୍ଦ୍ର ଜାଡ଼େଜା ୨ଟି ଲେଖାଏଁ ଓ୍ୱିକେଟ୍ ହାସଲ କରିଛନ୍ତି ।